# ଏସିଡ୍ ଆକ୍ରମଣ ଓ ଭାରତୀୟ ପିଙ୍ଗଳ ଧାରା ସମ୍ପର୍କିତ ଶିବିର

ଅଦ୍ୟ ତା ୨୭.୦୯.୨୦୧୯ ରିଖ, ଅଧକ୍ଷ୍ୟ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, ଢେଙ୍କାନାଳ ଶ୍ରୀ ମଳୟ ରଂଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଆଂଚଳିକ ଡିଗ୍ରୀ କଲେଜ, ସିମିନଇ, ଢେଙ୍କାନାଳ ପରିସରରେ ଏସିଡ୍ ଆକ୍ରମଣ , ଭାରତୀୟ ପିଙ୍ଗଳ ଧାରା ଓ ପିଡିତା ସହାୟତା ରାଶି ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ଶ୍ରୀ ଅରୁଣ ପଟ୍ଟନାୟକ ଅଧକ୍ଷତା କରିଥିଲେ । ଆଂଚଳିକ ଡିଗ୍ରି କଲେଜର ଅଧକ୍ଷ୍ୟ ଶ୍ରୀ ଧରଣୀଧର ବାରିକ ଉପସ୍ଥିତ ଅତିଥୀମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ଗଣେଷ କୁମାର ବେହେରା, ପି.ପି. (ଇନ୍ ଚାର୍ଜ), ଡକ୍ଟର ଶକ୍ତିସୁଧା ଶୁଭଦର୍ଶିନୀ (M.O, AYUSH, C.H.C, ଓଡାପଡା),ଶୀ ଉଦିତ୍ ବଟୁଶର୍ମା A.P.P, PMJJB, ବିଜନ କୁମାର ସେଠୀ (S.I) ଝାରଗାଡିଆ,ଶୀ କୁମ୍ଭ କର୍ଣ୍ଣ ରାଉଳ,(ASI,HRPS,DPO), ଲିଆକାନ ଖାଁ (S.I), ଶ୍ରୀ ହେମନ୍ତ କୁମାର ପାଢି, ,(ASI,DCRB,DPO), ପ୍ରମୁଖ ଉପସ୍ଥିତ ରହି ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ପୀଡିତା, ଆକ୍ରମଣକାରୀ ,ଭାରତୀୟ ପିଙ୍ଗଳ ଧାରା ଏବଂ ପିଡିତା ସହାୟତା ରାଶି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।

ଏସିଡ୍ ଆକ୍ରମଣକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଥିବା କଠୋର ଦଣ୍ଡ ବିଧାନ ଏବଂ ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଆଇନ ଅନୁଯାୟୀ ବିଭିନ୍ନ ସହାୟତା ରାଶି ବିଷୟରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ଶ୍ରୀ ଅରୁଣ ପଟ୍ଟନାୟକ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏଭଳି ଆକ୍ରମଣର ଶିକାର ହୋଇଥିବା ଏସିଡ୍ ପୀଡିତାଙ୍କୁ ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଥାଏ । ଏଥୀ ସହିତ ଦୋଷୀକୁ ଦଣ୍ଡ ଦେବାରେ ପୀଡିତା ଯଦି କୋର୍ଟକୁ ସହଯୋଗ କରନ୍ତି, ତେବେ ପୀଡିତାଙ୍କୁ ମାଗଣାରେ ସହାୟତା ଯୋଗାଇ ଦିଆଯିବ । ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ପ୍ରାଥମିକ ଚିକିତ୍ସା ବିଷୟରେ ଡକ୍ଟର ଶକ୍ତିସୁଧା ଶୁଭଦର୍ଶନୀ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଶ୍ରୀ ଗଣେଷ କୁମାର ବେହେରା, ପି.ପି. (ଇନ୍ ଚାର୍ଜ) ଏକ ସତ୍ୟ ଘଟଣାକୁ ଉଦାହରଣ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏସିଡ୍ ଆକ୍ରମଣର ଭୟାବହତା ବିଷୟରେ ଅବଗତ କରାଇଥିଲେ । ଏହି ସଚେତନତା ଶିବିରକୁ ଶ୍ରୀ ସୁଜିତ କୁମାର ସାମଲ, ଅଧ୍ୟାପକ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟପକ/ଅଧ୍ୟାପିକା, କର୍ମଚାରୀ, ପ୍ରାଧିକାରଣର ପି.ଏଲ. ଭି ଅଭିରାମ ବାରିକ, ଅଖିଳ ନାଏକ, ଧନେଶ୍ୱର ରାଉଳ, ପ୍ରଭାତ୍ ନାୟକ, ପ୍ରଫୁଲ ନାଏକ ଶିବିର ପରିଚାଳନାରେ ସହାୟତା କରିଥିଲେ ।

Sd/-

Secretary
District Legal Services Authority
Dhenkanal